# ଭାରତୀୟ ଜନତା ପାର୍ଟି, ଓଡିଶା

ଢେଙ୍କାନାଳ ଜିଲ୍ଲାରେ ବିଦ୍ୟୁତ ଆଘାତରେ ୭ଟି ହାତୀଙ୍କର ମୃତ୍ୟୁ ହେବା ପ୍ରସଙ୍ଗରେ

## ନୈତିକତା ଦୃଷ୍ଟିରୁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଶକ୍ତି ବିଭାଗର ଦୁଇ ମନ୍ତ୍ରୀ ତୁରନ୍ତ ନିଜ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ : ବିଜେପି

**ଭୁବନେଶ୍ୱର, ତା.୨୭/୧୦ :** ଢେଙ୍କାନାଳ ଜିଲ୍ଲାରେ ବିଦ୍ୟୁତ ଆଘାତରେ ୭ଟି ହାତୀଙ୍କର ମୃତ୍ୟୁ ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଦ୍ୟୁତ ବିଭାଗ ତଥା ସେସୁକୁ ଦାୟୀ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟସରକାରଙ୍କ ଗୋଟିଏ ବିଭାଗ ଆଉ ଗୋଟିଏ ବିଭାଗ ଉପରେ ଦୋଷ ଲଦିବା ହେଉଛି ସରକାରଙ୍କ ଦେବାଳିଆ ପଣିଆର ପରିଣାମ ବୋଲି ବୋଲି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାସଂଦ ରୁଦ୍ର ପାଣି କହିଛନ୍ତି ।

ବିଦ୍ୟୁତ ବିଭାଗ ହେଉଛନ୍ତି ରାଜ୍ୟ ସରକାରଙ୍କ ଅଧିନସ୍ଥ ଏକ ସଂସ୍ଥା । ସେହିପରି ବାରମ୍ବାର ଅଭିଯୋଗ ପରେ ବି ୧୧ କେଭି ତାରକୁ ବିଦ୍ୟୁତ ବିଭାଗ ଦାୟୀତ୍ୱହୀନ ଭାବେ ଛାଡି ଦେବା ଶକ୍ତି ବିଭାଗର ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୦୧୬ ମସିହା ସେପ୍ଟେମ୍ବର ୨୦ ତାରିଖ ଦିନ ଢେଙ୍କାନାଳ ଜିଲ୍ଲା ଭୁବନ ଅଂଚଳରେ ଏକ ଯାତ୍ରୀବାହି ବସରେ ୧୧କେଭି ତାର ଲାଗି ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା । ରାଜ୍ୟସରକାରଙ୍କ ଶକ୍ତି ବିଭାଗ ସେହି ଘଟଣାରୁ କିଛି ଶିକ୍ଷା ଲାଭ କଲେ ନାହିଁ । ସେ ସମୟରେ ସେହି ଜିଲ୍ଲାର ଶକ୍ତି ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଥାଇ ମଧ୍ୟ ଏଭଳି ବିଦ୍ୟୁତ ତାର ଅବ୍ୟବସ୍ଥାର ସମାଧାନ କଲେନାହିଁ । ଢେଙ୍କାନାଳ ଜିଲ୍ଲାର ଅଧିକାଂଶ ଅଂଚଳରେ ବିଦ୍ୟୁତ ତାର ଝୁଲିକି ରହିଛି । ରାଜ୍ୟସରକାର ଏହାର ସମାଧାନ ନକରି ନିରୀହ ବନ୍ୟ ଜନ୍ତୁ ଏବଂ ସାଧାରଣ ଲୋକଙ୍କ ଜୀବନକୁ ମରଣ ମୁହଁକୁ ଠେଲି ଚାଲିଛନ୍ତି । ଏଭଳି ସମସ୍ତ ଅଘଟଣ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ କହିବା ଅନୁଯାୟୀ ଯଦି ବିଦ୍ୟୁତ ବିଭାଗ ତେବେ ଶକ୍ତି ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ପାଣି ଦାବି କରିଛନ୍ତି ।

ଅନ୍ୟପଟେ ହାତୀମାନଙ୍କର ଗତି ବିଧିକୁ ନିରୀକ୍ଷଣ କରିବା ନେଇ ବନବିଭାଗ କୌଣସି କାର୍ଯ୍ୟ କରୁନାହିଁ । ଢେଙ୍କନାଳ ଜିଲ୍ଲା ଷଡଙ୍ଗୀ ରେଂଜରେ ବିଗତ ୪ ଦିନ ମଧ୍ୟରେ ହାତୀ ଦ୍ୱାରା ୨ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି । ହିନ୍ଦୋଳ ରେଂଜରେ ହାତୀ ଦ୍ୱାରା ଜଣଙ୍କର ମୃତ୍ୟୁ ହୋଇଛି । ବନ୍ୟ ଜନ୍ତୁ ମାନଙ୍କ ଦ୍ୱାରା ସାଧାରଣ ଜୀବନ ପ୍ରଭାବିତ ହେଉଛି । ସେହିପରି ସାତକୋଶିଆ ଠାରେ ବାଘୁଣି 'ସୁନ୍ଦରି' ପାଇଁ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଅଛନ୍ତି । ରାଜ୍ୟସରକାରଙ୍କ ଜଙ୍ଗଲ ପରିବେଶ ବିଆଗ ଏନେଇ କୌଣସି ଠୋସ୍ ପଦକ୍ଷେପ ନନେଇ କେବଳ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରାଇବା ପାଇଁ ତଦନ୍ତ କଥା ଉଠାଇ ଘଟଣାକୁ ଭିନ୍ନ ମୋଡ ଦେବା ପାଇଁ ଉଦ୍ୟମ ଚଳାଇଛି ବୋଲି ଶ୍ରୀ ପାଣି କହିଛନ୍ତି ।

ବନ୍ୟଜନ୍ତୁମାନଙ୍କର ମୃତ୍ୟୁ ଘଟିବା ଏବଂ ବନ୍ୟଜନ୍ତୁମାନଙ୍କ ପାଇଁ ସାଧାରଣ ଲୋକଙ୍କ ଜୀବନ ହାନୀ ହେବା ଉଭୟ ଘଟଣା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଶକ୍ତି ବିଭାଗ ଦାୟୀ । ଏଣୁ ନୈତିକତା ଦୃଷ୍ଟିରୁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଶକ୍ତି ବିଭାଗର ଦୁଇ ମନ୍ତ୍ରୀ ତୁରନ୍ତ ନିଜ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ପାଣି ଦାବି କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**